# NATIONAL NEWS BULLETIN (ODIA)

**5 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ କ୍ରମଶଃ ଜୋର୍ ଧରିଛି ନିର୍ବାଚନ ପ୍ରଚାର।

- କୁଚ୍‌ବିହାରରୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆଜି ପ୍ରଚାର ଆରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ଅଶୋଧିତ ତୈଳ ସଂଗ୍ରହ ନେଇ ଇରାନ୍ ସହ ଦେୟସଂକ୍ରାନ୍ତ କୌଣସି ସମସ୍ୟା ନାହିଁ ବୋଲି ସ୍ପଷ୍ଟ କଲେ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ।

- ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଓ କୁଆପଥର ଜନିତ ଫସଲ କ୍ଷୟକ୍ଷତିର ଆକଳନ କରିବାକୁ ନିର୍ଦ୍ଦେଶ ଦେଲେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।

- ବିଶ୍ୱବ୍ୟାପୀ ଶ୍ରଦ୍ଧା ଓ ନିଷ୍ଠାର ସହ ପାଳନ କରାଯାଉଛି ଇଷ୍ଟର ପର୍ବ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ଖେଳାଯିବ ୨ଟି ମ୍ୟାଚ୍ ।

## ଡବ୍ଲ୍ୟୁବି-କ୍ୟାମ୍ପେନିଂ

ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପଶ୍ଚିମବଙ୍ଗରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଆଜି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଂଶଗ୍ରହଣ କରିବେ । କୁଚ୍‌ବିହାରରୁ ଶ୍ରୀ ମୋଦୀ ତାଙ୍କର ନିର୍ବାଚନ ପ୍ରଚାର ଆରମ୍ଭ କରିବେ । ରସମେଲା ମଇଦାନରେ ଶ୍ରୀ ମୋଦୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିସହ ପଶ୍ଚିମବଙ୍ଗରେ ଦଳର ପ୍ରଚାର ଅଧିକ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ରାଜ୍ୟରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଜାରି ରହିଛି । ନ୍ୟାୟିକ ଅଧିକାରୀ ମତଦାତାଙ୍କର ଆପତ୍ତି ଅଭିଯୋଗ ଶୁଣିବା ସହ ଏହା ଉପରେ ନିଷ୍ପତ୍ତି ଗ୍ରହଣ କରୁଛନ୍ତି । ଏହି ପ୍ରକ୍ରିୟା ଆସନ୍ତା ମଙ୍ଗଳବାର ଦିନ ଶେଷ ହେବ । ସୂଚନା ଅନୁଯାୟୀ କୁଚ୍‌ବିହାର ଜିଲ୍ଲାରେ ୨ନିୟୁତ ୧୪ଲକ୍ଷରୁ ଅଧିକ ବୈଧ ଭୋଟରଙ୍କୁ ନିର୍ବାଚନ କମିଶନ ତାଲିକାଭୁକ୍ତ କରିଛନ୍ତି ।

## ପିଏମ୍-ଏଲ୍‌ଏସ୍ ସିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି କୌଣସି ରାଜ୍ୟର ଲୋକସଭା ଆସନ ହ୍ରାସ ନ ହେବାକୁ ସରକାର ସୁନିଶ୍ଚିତ କରିବେ ।

କେରଳମର ଥିରୁବାଲ୍ଲାଠାରେ ଗତକାଲି ଏକ ଜନ ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଦକ୍ଷିଣ ରାଜ୍ୟଗୁଡ଼ିକ ଆସନ ହରାଇବା ନେଇ ଭୁଲ୍ ସୂଚନା ପ୍ରସାରଣ କରାଯାଉଛି । ଲୋକଙ୍କ ପ୍ରତିନିଧିତ୍ୱକୁ ସୁରକ୍ଷା ଦେବା ନେଇ ସରକାର ଆଇନ୍‌ଗତ ଗ୍ୟାରେଣ୍ଟି ପ୍ରଦାନ କରିବେ । ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ସ୍ଥାନ ସଂରକ୍ଷଣକୁ ସମର୍ଥନ କରିବାକୁ ଶ୍ରୀ ମୋଦୀ ସବୁ ରାଜନୈତିକ ଦଳଗୁଡ଼ିକୁ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଏହି ପ୍ରସଙ୍ଗ ମହିଳା ସଶକ୍ତିକରଣ ସହିତ ଜଡିତ ଏବଂ ବିନା ରାଜନୈତିକ ବିଚାରରେ ଏହାକୁ ସମର୍ଥନ କରାଯିବା ଉଚିତ ।

**V/O**

ଶ୍ରୀ ମୋଦୀ କହିଛନ୍ତି ୨୦୨୩ ମସିହାରେ ପାରିତ ମହିଳା ସଂରକ୍ଷଣ ଆଇନ୍‌ର କାର୍ଯ୍ୟକାରୀତାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ସଂସଦର ବଜେଟ୍ ଅଧିବେଶନକୁ ଆସନ୍ତା ୧୬, ୧୭ ଏବଂ ୧୮ ତାରିଖ ୩ ଦିନ ପାଇଁ ବୃଦ୍ଧି କରାଯାଇଛି । ଏହି ସଂରକ୍ଷଣ ବ୍ୟବସ୍ଥା ୨୦୨୯ ମସିହାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି ।

# ପୁରୀ-ଇରାନ ଅଏଲ

ଇରାନ ସମେତ ୪୦ଟିରୁ ଅଧିକ ଦେଶରେ ଭାରତ ଅଶୋଧିତ ତୈଳ ଆମଦାନୀ କରୁଛି ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହର୍‌ଦୀପ ସିଂହ ପୁରୀ କହିଛନ୍ତି । ଇରାନ ସହ ଅଶୋଧିତ ତେଲ ସଂଗ୍ରହ

ନେଇ ଦେୟ ସଂକ୍ରାନ୍ତ କୌଣସି ସମସ୍ୟା ନାହିଁ ବୋଲି ଶ୍ରୀ ପୁରୀ ସ୍ପଷ୍ଟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂକ୍ରାନ୍ତ ଅଭିଯୋଗକୁ ଶ୍ରୀ ପୁରୀ ଖଣ୍ଡନ କରିଛନ୍ତି । ଦେୟ ସମସ୍ୟା ନେଇ ଭାରତର ଭାଡିନାରରୁ ଇରାନ୍‌ର ଏକ ଅଶୋଧିତ ତୈଳବାହୀ ଜାହାଜ ଚୀନ୍‌କୁ ସ୍ଥାନାନ୍ତରିତ ହୋଇଥିବା ଆଲୋଚନା ତଥ୍ୟଭିତ୍ତିକ ନୁହେଁ ବୋଲି ସେ କହିଛନ୍ତି । ପଶ୍ଚିମ ଏସିଆ ସଂଘର୍ଷ ପରିସ୍ଥିତିରେ ଯୋଗାଣ ଶୃଙ୍ଖଳରେ ବାଧାସୃଷ୍ଟି ସତ୍ତ୍ୱେ ଭାରତୀୟ ରିଫାଇନାରୀ କମ୍ପାନୀଗୁଡ଼ିକ ବାଣିଜ୍ୟିକ ଦୃଷ୍ଟିକୋଣ ଆଧାରରେ ଇରାନ ସମେତ ବିଭିନ୍ନ ଉତ୍ସରୁ ଅଶୋଧିତ ତୈଳ ଆମଦାନୀ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ପୁରୀ କହିଛନ୍ତି । ଦେଶବାସୀଙ୍କର ତୈଳ ଆବଶ୍ୟକତାକୁ ସଫଳତାର ସହ ସୁରକ୍ଷା ପ୍ରଦାନ କରାଯାଇପାରୁଛି । ବିଭିନ୍ନ କାରଣ ନେଇ ପରିବହନ ସମୟରେ ଗତିପଥ ପରିବର୍ତ୍ତନ ହୋଇଥାଏ  ବୋଲି ଶ୍ରୀ ପୁରୀ କହିଛନ୍ତି ।

## ପିଏମ୍ ଜଗଜ୍ଜୀବନ ରାମ

ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ବାବୁ ଜଗଜ୍ଜୀବନ ରାମଙ୍କ ଜନ୍ମବାର୍ଷିକୀ ଆଜି ପାଳନ କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ବାବୁ ଜଗଜ୍ଜୀବନ ରାମ ସମାନତା ଏବଂ ସାମାଜିକ ନ୍ୟାୟ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଉପ ପ୍ରଧାନମନ୍ତ୍ରୀ ଭାବେ ଦେଶ ପ୍ରତି ତାଙ୍କର

ରହିଥିବା ଅମୂଲ୍ୟ ଅବଦାନ ଚିର ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

୧୯୦୮ ମସିହା ଏପ୍ରିଲ ୫ ତାରିଖରେ ବିହାରରେ ଜନ୍ମଗ୍ରହଣ କରିଥିଲେ । ଏହି ମହାନ ଜନନାୟକ ୧୯୭୯ ମସିହାରେ ଭାରତର ଉପପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧବେଳେ ବାବୁ ଜଗଜ୍ଜୀବନ ରାମ ପ୍ରତିରକ୍ଷାମନ୍ତ୍ରୀ ଭାବେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଶିବରାଜ କ୍ରପ ଡ୍ୟାମେଜ

ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଏବଂ କୁଆପଥର ଜନିତ ଫସଲ କ୍ଷୟକ୍ଷତିର ଆକଳନ କରିବାକୁ କୃଷି ଓ କୃଷକକଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ସରକାର ଚାଷୀଙ୍କ ସହ ରହିଛନ୍ତି ବୋଲି ଶ୍ରୀ ଚୌହ୍ୱାନ ଆଶ୍ୱାସନା ଦେଇଛନ୍ତି ।  କୃଷି ଓ କୃଷକକଲ୍ୟାଣ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଅଣ ମୌସୁମୀଜନିତ ବର୍ଷା ଏବଂ କୁଆପଥର ମାଡ଼ର ପ୍ରଭାବ ସମୀକ୍ଷା କରିବା ସହ ସମ୍ପୃକ୍ତ ରାଜ୍ୟ ଗୁଡ଼ିକରୁ ବିସ୍ତୃତ ତଥ୍ୟ ସଂଗ୍ରହ କରିବାକୁ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ନିର୍ଦ୍ଦେଶ ଦେଇଛନ୍ତି । ପରିସ୍ଥିତି ଉପରେ ନଜର ରଖିବା ସହ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା ମାଧ୍ୟମରେ ପଦକ୍ଷେପ ଗ୍ରହଣ

କରିବାକୁ ସେ ପରାମର୍ଶ ଦେଇଛନ୍ତି । କ୍ଷୟକ୍ଷତି ପରିସ୍ଥିତିର ଆକଳନ କରିବା ସହ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରଭାବିତ ରାଜ୍ୟର କୃଷିମନ୍ତ୍ରୀମାନଙ୍କୁ ଶ୍ରୀ ଚୌହ୍ୱାନ ଅନୁରୋଧ କରିଛନ୍ତି ।

## ଇଷ୍ଟର

ବିଶ୍ୱବ୍ୟାପୀ ଶ୍ରଦ୍ଧା ଏବଂ ନିଷ୍ଠାର ସହ ଇଷ୍ଟର ପର୍ବ ପାଳନ କରାଯାଉଛି । ଗୁଡ୍ ଫ୍ରାଇଡେ ଦିବସରେ କାଲଭରୀରେ ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ଏବଂ ପରେ ପୁନଃରୁତ୍ଥାନକୁ ଆଜିର ଦିବସ ସୂଚିତ କରିଥାଏ । ଏହି ଅବସରରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ସତ୍ୟ, ପ୍ରେମ, କରୁଣା, ତ୍ୟାଗ ଏବଂ କ୍ଷମାର ମୂଲ୍ୟବୋଧକୁ ଗ୍ରହଣ କରିବାରେ ଏହି ଦିବସ ଲୋକଙ୍କୁ ଉତ୍ସାହିତ କରିଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଏହି ଦିବସ ଆଶା, ନୂତନତ୍ୱ ଏବଂ ବିଶ୍ୱାସକୁ ପରିପ୍ରକାଶ କରିଥାଏ । ସମସ୍ତଙ୍କ ଜୀବନରେ ଶାନ୍ତି, ଆନନ୍ଦ ଏବଂ ଉଜ୍ଜ୍ୱଳତା ଆଣିଦେଉ ବୋଲି ଶ୍ରୀ ମୋଦୀ ଆଶାବ୍ୟକ୍ତ କରିଛନ୍ତି । ପ୍ରଭୁ ଯୀଶୁଙ୍କ ଶିକ୍ଷା ସମସ୍ତଙ୍କୁ ଦୟାର ମନୋଭାବ ଏବଂ ସମାଜରେ ଏକତାର

ଭାବନାକୁ ଦୃଢ଼ କରିବାରେ ପ୍ରେରଣା ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଭିପି-ଗ୍ଲୋବାଲ ମିଡିଟେସନ କନ୍‌ଫରେନ୍ସ

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଶାନ୍ତି ଏବଂ ଆତ୍ମ ନିରୀକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ବିଶ୍ୱ ଧ୍ୟାନ ନେତୃତ୍ୱ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ସାମଗ୍ରିକ କଲ୍ୟାଣ ପାଇଁ ଧ୍ୟାନ ଏକ ପ୍ରମୁଖ ମାଧ୍ୟମ । ଚାପ ହ୍ରାସ କରି ଧ୍ୟାନ ଶାନ୍ତିର ମାର୍ଗକୁ ଉନ୍ମୁକ୍ତ କରିଥାଏ । ଭାବପ୍ରବଣ ସ୍ଥିରତାକୁ ଏହା ବ୍ୟାପକ କରିବା ସହ ଜୀବନଧାରଣ ମାନରେ ଶାନ୍ତ ଏବଂ ସଂଯମ ଦୃଷ୍ଟିକୋଣକୁ ପ୍ରୋତ୍ସାହନ ପ୍ରଦାନ କରିଥାଏ ବୋଲି ଶ୍ରୀ ରାଧାକୃଷ୍ଣନ କହିଛନ୍ତି । ଦୈନନ୍ଦିନ ଜୀବନରେ ଏହା ଏକ ସକରାତ୍ମକ ଦୃଷ୍ଟିକୋଣ ପ୍ରଦାନ କରୁଥିବାବେଳେ ଶାନ୍ତି ସର୍ବୋତ୍ତମ ସୁଫଳ ବୋଲି ଅଭିହିତ ହୋଇଛି । ଧ୍ୟାନର ବ୍ୟାପକ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ଜୀବନ ଏବଂ ସାମାଜିକ ସ୍ତରରେ ଏକ ଅର୍ଥପୂର୍ଣ୍ଣ ଏବଂ ସୁଦୃଢ଼ ଫଳାଫଳ ହାସଲ କରିବାରେ ଏହା ବେଶ୍ ସହାୟକ ହୋଇଥାଏ । ବିକଶିତ ଭାରତ ଦୃଷ୍ଟିକୋଣ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ରାଧାକୃଷ୍ଣନ କହିଛନ୍ତି ନିଶାଦ୍ରବ୍ୟ ବ୍ୟବହାରଠାରୁ ଦୂରେଇ ରହିବା ଏବଂ ସୁସ୍ଥ ସମାଜକୁ ପ୍ରୋତ୍ସାହନ ପ୍ରଦାନ

କରିବାରେ ଧ୍ୟାନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ବିଶ୍ୱସ୍ତରରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସୃଷ୍ଟି କ୍ଷେତ୍ରରେ ଏଭଳି ସମ୍ମିଳନୀ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ରାଧାକୃଷ୍ଣନ ଆଶାବ୍ୟକ୍ତ କରିଛନ୍ତି ।

## ଏଡ୍ ଡିଷ୍ଟ୍ରପ୍ଟ ଓ୍ୱାର୍ଲ୍ଡଓ୍ୱାଇଡ୍

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ଯୋଗୁଁ ବିଶ୍ୱବ୍ୟାପୀ ଲୋକଙ୍କୁ ଖାଦ୍ୟ ଓ ଔଷଧ ଯୋଗାଣରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ବୋଲି ସହାୟତା ସଂସ୍ଥାଗୁଡ଼ିକ ପକ୍ଷରୁ ସତର୍କ କରାଯାଇଛି । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦେଇଥିବା ସୂଚନା ଅନୁଯାୟୀ ବହୁ ପରିମାଣରେ ଖାଦ୍ୟ ସାମଗ୍ରୀ ପରିବହନରେ ବିଳମ୍ବ ହେଉଛି । ଅନ୍ତର୍ଜାତୀୟ ଉଦ୍ଧାର କମିଟି ତା' ରିପୋର୍ଟରେ କହିଛି ସୁଦାନ ପାଇଁ ଚିକିତ୍ସା ଏବଂ ସୋମାଲିଆକୁ ଖାଦ୍ୟ ସହାୟତା ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ଦେଶକୁ ସାମଗ୍ରୀ ପଠାଇବାରେ ବିଳମ୍ବ ହେଉଛି ବୋଲି ଜାତିସଂଘ ଜନସଂଖ୍ୟା ପାଣ୍ଠି କହିଛି । କୋଭିଡ ମହାମାରୀ ପରଠାରୁ ଯୋଗାଣ କ୍ଷେତ୍ରରେ ଏହା ସବୁଠାରୁ ବଡ ପ୍ରତିବନ୍ଧକ ପାଲଟିଛି ବୋଲି ଜାତିସଂଘ କହିଛି । ଏପରିକି ଏ କ୍ଷେତ୍ରରେ ଖର୍ଚ୍ଚ ପରିମାଣ ମଧ୍ୟ ୨୦ ପ୍ରତିଶତ ବୃଦ୍ଧି ପାଇଛି । ପରିବହନ ଏବଂ ବୀମାଖର୍ଚ୍ଚ ବୃଦ୍ଧି ସହିତ ସହାୟତା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକ ଦୀର୍ଘ ତଥା ଅଧିକ ବ୍ୟୟସାପେକ୍ଷ ମାର୍ଗ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି ।

ଅନ୍ୟପକ୍ଷରେ ଆମେରିକା ପକ୍ଷରୁ ପ୍ରଦାନ କରାଯାଉଥିବା ବୈଦେଶିକ ସହାୟତା ହ୍ରାସ' ପରିସ୍ଥିତିକୁ ଅଧିକ ଜଟିଳ କରିଛି । ଏଭଳି ସଂଘର୍ଷ ନୂତନ

ମାନବୀୟ ଚିନ୍ତା ସୃଷ୍ଟି କରିଛି । ଲେବାନନ୍‌ରେ ପ୍ରାୟ ୧୦ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି ।

## ଆଇ.ପି.ଏଲ୍. - କ୍ରିକେଟ୍

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ହାଇଦ୍ରାବାଦସ୍ଥିତ ରାଜୀବଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ମଧ୍ୟରେ ଖେଳାଯିବ ।

ଅନ୍ୟଏକ ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର କିଙ୍ଗସ୍ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର ମଧ୍ୟରେ ଅନୁଷ୍ଠିତ ହେବ ।

ଗତ ସନ୍ଧ୍ୟାରେ ଅନୁଷ୍ଠିତ ମ୍ୟାଚ୍‌ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ରାଜସ୍ଥାନ ରୟାଲ୍‌ସ ୬ ରନ୍‌ରେ ଗୁଜୁରାଟ୍ ଟାଇଟନ୍‌ସକୁ ପରାସ୍ତ କରିଥିବାବେଳେ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ୬ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସକୁ ପରାସ୍ତ କରିଥିଲା ।